# Akashvani, Sambalpur

## SAMBALPURI NEWS EVENING BULLETIN

## 15 September 2024- 7.02 pm- 7.12 pm.

*********************************************

୧- ବ୍ରହ୍ମପୁର୍-ଟାଟାନଗର୍ ଆଉ ରାଉର୍‌କେଲା - ଟାଟାନଗର୍ ସହେତେ ୬ ଟା ବନ୍ଦେ ଭାରତ୍ ଏକ୍ସପ୍ରେସ୍ ଟ୍ରେନ୍‌ର ଶୁଭାରମ୍ଭ କଲେ ପ୍ରଧାନ୍‌ମନ୍ତ୍ରୀ ।

- ବ୍ରହ୍ମପୁର୍ ରେଲ୍‌ଷ୍ଟେସନ୍ ନ ହେଇଥିବା ସମାରୋହଥି ଉପସ୍ଥିତ୍ ଥିଲେ ମୁଖ୍ୟମନ୍ତ୍ରୀ ।

୨- ସୁଭଦ୍ରା ଯୋଜ୍‌ନା ବାବ୍‌ଦେ ଅଏତ୍‌କା ସଚେତନ୍ କର୍‌ବାର୍ ଲାଗି ଆଏଜ୍‌ଠାନୁ ରାଏଜେ ମୁଲ୍ ହେଲା ସଚେତନତା କାର୍ଯ୍ୟକ୍ରମ୍ ।

୩- ରାଜ୍ୟ ସର୍‌କାର୍‌ଙ୍କର୍ ଭିନ୍ ଭିନ୍ କଲ୍ୟାଣକାରୀ ଯୋଜ୍‌ନାର୍ ପ୍ରଚାର୍ ପ୍ରସାର୍ ଲାଗି ଆଏବା ୧୯ ତାରିଖ୍‌ନୁ ମୁଲ୍ ହେବା ବିକାଶ୍ ମେଳା ।

ଆଉର୍

୪- ଭୁବ୍‌ନେଶ୍ୱର୍ ନ ହେବାର୍‌କେ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି ଆଏବା କାଏଲ୍ ବନ୍ଦ୍ ରହେବା ।

ବନ୍ଦେଭାରତ୍ ଏକ୍ସପ୍ରେସ୍ ଆର୍ଏନ୍ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ଝାର୍‌ଖଣ୍ଡ୍‌ର ଟାଟାନଗର୍‌ନୁ ଆଭାସୀ ଜରିଏ ଓଡ଼ିଶାର୍ ୨ ଟା ବନ୍ଦେଭାରତ୍ ଏକ୍ସପ୍ରେସ୍ ସହେତେ ମୋଟ୍ ୬ ଟା ବନ୍ଦେ ଭାରତ୍ ଏକ୍ସପ୍ରେସ୍ ଟ୍ରେନ୍‌ର ଶୁଭାରମ୍ଭ କରିଛନ୍ । ସେ ଟ୍ରେନ୍‌ମାନ୍ ହେଲା- ବ୍ରହ୍ମପୁର୍- ଟାଟାନଗର୍, ରାଉର୍‌କେଲା- ହାଓ୍ୱଡ଼ା-ଟାଟାନଗର୍, ବାରାଣାସୀ- ଦେଓଘର୍, ଟାଟାନଗର୍-ପାଟ୍‌ନା, ହାଓ୍ୱଡ଼ା - ଧାନ୍‌ବାଦ୍-ଗୟା, ହାଓ୍ୱଡ଼ା-ଡୁମ୍‌କା- ଭାଗଲ୍‌ପୁର୍ ବନ୍ଦେ ଭାରତ୍ ଏକ୍ସପ୍ରେସ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ବ୍ରହ୍ମପୁର୍ ରେଲ୍‌ଷ୍ଟେସନ୍ ଠାନେ ହେଇଥିବା ଉଦ୍‌ଘାଟନୀ ସମାରୋହଥି ଯୋଗ୍ ଦେଇକରି କହିଛନ୍ ଯେ, ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଦୂରଦୃଷ୍ଟି ଲାଗି ରେଲ୍ ଭିତିଭୂମି କ୍ଷେତ୍ରଥି ଭାରତ୍ ସଶକ୍ତ ହେବାର୍ ସହେତେ ବିକଶିତ୍ ଦେଶ୍ ମାନ୍‌କର୍ ସାଙ୍ଗେ ସମାନ୍ ହେଇପାରିଛେ । ବ୍ରହ୍ମପୁର୍-ଟାଟାନଗର୍ ବନ୍ଦେ ଭାରତ୍ ଏକ୍ସପ୍ରେସ୍, ଓଡ଼ିଶାର୍ ବ୍ରହ୍ମପୁର୍‌କେ ଟାଟା ସହେତେ ଜୁଡ଼୍‌ବା । ଇ ଟ୍ରେନ୍ ବ୍ରହ୍ମପୁର୍‌ଠାନୁ ଟାଟାନଗର୍‌କେ ପୁହୁଁଚିବାର୍ ଲାଗି ୯ ଘଂଟା ୫ ମିନିଟ୍ ସମୟ ଲାଗ୍‌ବା । ଦୁହିଆଡୁ ଇ ଟ୍ରେନ୍ ବାଲୁଗାଁ, ଖୋର୍ଦ୍ଧା, ଭୁବ୍‌ନେଶ୍ୱର୍, କଟକ୍, ଜଖପୁରା, ହରିଚନ୍ଦନ୍‌ପୁର୍, କେନ୍ଦୁଝର୍‌ଗଡ଼୍ ଷ୍ଟେସନ୍ ନ ରହେବା । ବନ୍ଦେ ଭାରତ୍ ଏକ୍ସପ୍ରେସ୍ ଲାଗି ବାଣିଜ୍ୟ ଆଉ ପର୍ଯ୍ୟଟନ୍

କ୍ଷେତ୍ରଥି ଅଭିବୃଦ୍ଧି ହେବାର୍ ସହେତେ ରାଜ୍ୟର୍ ବିକାଶ୍ ଦ୍ରୁତଗତିଥି ବଢ଼୍‌ବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଟିଟିଲାଗଡ଼୍ ଦେଇକରି ଯିବାର୍‌କେ ଥିବା ଦୁର୍ଗ- ବିଶାଖାପାଟ୍‌ନମ୍ ବନ୍ଦେ ଭାରତ୍ ଏକ୍ସପ୍ରେସ୍‌କେ ଅହମ୍ମଦାବାଦ୍‌ନୁ ପ୍ରଧାନ୍‌ମନ୍ତ୍ରୀ ଆଏବା କାଏଲ୍ ଶୁଭାରମ୍ଭ କର୍‌ବେ ।

ସୁଭଦ୍ରା ସଚେତନତା ଶୋଭାଯାତ୍ରା

ସମ୍ବଲପୁର/ ବର୍‌ଗଡ଼୍/ ସୁବର୍ଣ୍ଣପୁର୍/ ନୂଆପଡ଼ା/ ଦେବ୍‌ଗଡ଼୍/ କ ଲାହାଣ୍ଡି/ ଝାର୍‌ସୁଗୁଡ଼ା

ମହିଳା ସଶକ୍ତିକରଣ୍ ଆର୍ ଆର୍ଥିକ୍ ସ୍ୱାବଲମ୍ବନ୍ ଲକ୍ଷଥି ରାଜ୍ୟ ସର୍‌କାର୍‌ଙ୍କର୍ ସୁଭଦ୍ରା ଯୋଜ୍‌ନାକେ ନେଇକରି ଆଏଜ୍ ଜିଲ୍ଲାମାନ୍‌କେ ସଚେତନତା ଶୋଭାଯାତ୍ରା ଆଉ କାର୍ଯ୍ୟକ୍ରମ୍ ମାନ୍ ହେଉଛେ । ପଦଯାତ୍ରାଥି ମନ୍ତ୍ରୀ, ବିଧାୟକଙ୍କର୍ ସହେତେ ସ୍ୱୟଂସହାୟକ ଗୋଷ୍ଠୀର୍ ମହିଳା, ଅଙ୍ଗନବାଡ଼ି ଆଉ ଆଶାକର୍ମୀଙ୍କର୍ ସହେତେ ସାଧାରଣ୍ ଜନତା ଭାଗ୍ ନେଇକରି ଯୋଜ୍‌ନା ବାବ୍‌ଦେ ଲୁକ୍‌କୁ ସଚେତନ୍ କରୁଛନ୍ । ଭୁବ୍‌ନେଶ୍ୱର୍ ଗିରିଦୁର୍ଗା ମନ୍ଦିର୍‌ନୁ ରମାଦେବୀ ବିଶ୍ୱବିଦ୍ୟାଳୟତକ୍ ହେଇଥିବା ସୁଭଦ୍ରା ସଚେତନତା ପଦଯାତ୍ରାକେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଉ କନକ ବର୍ଦ୍ଧନ୍ ସିଂହଦେଓ ଶୁଭାରମ୍ଭ କରିଥିଲେ ।

ସମ୍ବଲପୁର୍ ଜିଲ୍ଲା ପ୍ରଶାସନ୍ ଆଉ ମହାନଗର୍ ନିଗମ୍ ତର୍ଫୁ ସୁଭଦ୍ରା ସଚେତନତା ପଦଯାତ୍ରା ହେଇଯାଇଛେ । ଇ ଅବ୍ସରେ ପୁର୍ନା ମ୍ୟୁନିସିପାଲ୍ଟି କାର୍ଯ୍ୟାଳୟନୁ ଗୁଟେ ଶୋଭାଯାତ୍ରା ବାହାରିକରି ଜିଲ୍ଲା ପରିଷଦ୍ କାର୍ଯ୍ୟାଳୟତକ୍ ଯାଇଥିଲା । ଇ ଶୋଭାଯାତ୍ରାକେ ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଲିରାମ୍ ବୋନ୍ଦାର୍ ଉଦ୍ଘାଟନ୍ କରିଥିଲେ ।

ବର୍ଗଡ଼୍ ଜିଲ୍ଲା ପ୍ରଶାସନ୍ ତର୍ଫୁ ଜିଲ୍ଲା ମୁଖ୍ୟାଳୟ ନ ସୁଭଦ୍ରା ଯୋଜ୍ନା ସ୍ୱାଗତ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ ଅବ୍ସରେ ବର୍ଗଡ଼୍ ପଂଚାୟତ୍ସମିତି ସାମ୍ନାନୁ ଗୁଟେ ଶୋଭାଯାତ୍ରା ହେଇଥିଲା ।

ଇଥି ବର୍ଗଡ଼୍ ବିଧାୟକ୍ ଅଶ୍ୱିନୀ ଷଡ଼ଙ୍ଗୀ, ଜିଲ୍ଲାପାଲ୍ ଆଦିତ୍ୟ ଗୋୟଲ୍ଙ୍କର୍ ସହେତେ ଅଙ୍ଗନବାଡ଼ି କର୍ମୀ ଆଉ ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟାମାନେ ସାମିଲ୍ ହେଇଥିଲେ ।

ସୁବର୍ଣ୍ଣପୁର୍ ଜିଲ୍ଲା ସଦର୍ ମହକୁମା ସହେତେ ୬ଟା ବ୍ଲକ୍ ନ ସୁଭଦ୍ରା ଯୋଜ୍ନାକେ ନେଇକରି ପଦଯାତ୍ରା ହେଇଯାଇଛେ । ଜିଲ୍ଲାପାଲ୍ ଅନନ୍ୟା ଦାସ ଇ ପଦଯାତ୍ରାକେ ଉଦ୍ଘାଟନ୍ କରିଥିବାର୍ ବେଲେ ଇଥି ଅଙ୍ଗନବାଡ଼ି କର୍ମୀ ଆଉ ସ୍ୱୟଂସହାୟକ ଗୋଷ୍ଠୀର୍ ମହିଳା ସଦସ୍ୟମାନେ ଉପସ୍ଥିତ୍ ଥିଲେ ।

ନୂଆପଡ଼ା ଜିଲ୍ଲା ସଦର୍ ମହକୁମା ନ ଜିଲ୍ଲାପାଲ୍ଙ୍କର୍ ଅଧ୍ୟକ୍ଷତାଥି ସୁଭଦ୍ରା ସ୍ୱାଗତ୍ ପଦଯାତ୍ରା ହେଇଯାଇଛେ । ଇ କାର୍ଯ୍ୟକ୍ରମ୍ ଜିଲ୍ଲାର୍ ୫ ଟା ବ୍ଲକ୍ ଆଉ ୩ ଟା ବିଜ୍ଞାପିତ ଅଂଚଲ୍

ପରିଷଦ୍ ନ ଜୋର୍‌ଦାର୍ କର୍‌ବାର୍‌କେ ଜିଲ୍ଲା ପ୍ରଶାସନ୍ ଜୋର୍ ଦେଇଛେ ।

ଦେବ୍‌ଗଡ଼୍ ଜିଲ୍ଲା ନ ସୁଭଦ୍ରା ସ୍ୱାଗତ୍ ପଦଯାତ୍ରାକେ ଅତିରିକ୍ତ ଜିଲ୍ଲାପାଲ୍ ରେବେକା ବିଲୁଙ୍ଗ୍ ଶୁଭାରମ୍ଭ କରିଥିଲେ । ଇ ଅବ୍‌ସରେ ଦେବ୍‌ଗଡ଼୍ ମହାବିଦ୍ୟାଳୟନୁ ଗୁଟେ ସଚେତନତା ପଦଯାତ୍ରା ବାହାରିକରି ସହର୍ ବୁଲିଥିଲା ।

ବଲାଙ୍ଗିର୍ ଜିଲ୍ଲା ନ ସୁଭଦ୍ରା ଯୋଜ୍‌ନାକେ ନେଇକରି ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଗୁଟେ ପଦଯାତ୍ରା ହେଇଯାଇଛେ । ଜିଲ୍ଲା ପ୍ରଶାସନ୍ ତର୍‌ଫୁ ହେଇଥିବା ଇ ପଦଯାତ୍ରାଥି ୩ ଶହ ନୁ ଅଏତ୍‌କା ସ୍ୱୟଂ ସହାୟକ ଗୋଷ୍ଠୀର୍ ମହିଳାମାନେ ଯୋଗ୍ ଦେଇଥିଲେ । ଇ ପଦଯାତ୍ରା କଲେକ୍ଟୋରେଟ୍‌ନୁ ବାହାରିକରି କୋଶଲ୍ କଳାମଣ୍ଡପ ପଡ଼ିଆତକ୍ ହେଇଥିଲା ।

କଲାହାଣ୍ଡି ଜିଲ୍ଲା ପ୍ରଶାସନ୍ ତର୍‌ଫୁ ସୁଭଦ୍ରା ସ୍ୱାଗତ୍ ସଚେତନତା ପଦଯାତ୍ରା ହେଇଯାଇଛେ । ଭବାନୀପାଟ୍‌ନାର୍ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ନୁ ଇ ଶୋଭାଯାତ୍ରା ବାହାରିକରି ସହର୍ ବୁଲିଥିଲା । ଇ ପଦଯାତ୍ରାକେ କଲାହାଣ୍ଡି ସାଂସଦ୍ ମାଳବିକା ଦେବୀ ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ସଚିନ୍ ପାୱାର୍ ପ୍ରକାଶ୍‌ଙ୍କର୍ ସହେତେ ଅଲ୍‌ଗା ପ୍ରଶାସନିକ୍ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ଝାର୍‌ସୁଗୁଡ଼ା ଜିଲ୍ଲା ନ ସୁଭଦ୍ରା ଯୋଜ୍‌ନା ବାବ୍‌ଦେ ସଚେତନ୍ କର୍‌ବାର୍ ଲାଗି ଗୁଟେ ସଚେତନତା ରଥର ଶୁଭାରମ୍ଭ କରାଯାଇଛେ । ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ ଇ ରଥର

ଶୁଭାରମ୍ଭ କରିଥିଲେ । ପୌରାଂଚଲ୍ ସହେତେ ସବୁ ବ୍ଲକ୍ ନ ଇ ରଥ ପରିକ୍ରମା କର୍ବା ।

ବିକାଶ୍ ମେଲା ଆର୍ଏନ୍ୟୁ /ସମ୍ବଲପୁର

ଆଏବା ୧୯ ନୁ ୨୨ ତାରିଖ୍ତକ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବିକାଶ୍ ମେଲା ଆୟୋଜନ୍ କରାଯିବା । ଇଥି ରାଜ୍ୟ ସର୍କାର୍ଙ୍କର୍ ଭିନ୍ ଭିନ୍ କଲ୍ୟାଣ୍କାରୀ ଯୋଜ୍ନା ସାଙ୍ଗେ ଶହେ ଦିନର୍ ବିଭାଗୀୟ କାର୍ଯ୍ୟକଳାପ ଆର୍ ସଫଳତା ବିଷେ ପ୍ରଚାର୍ ପ୍ରସାର୍ ହେବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବା ୧୯ ତାରିଖ୍ ଦିନ ପୁରୀନୁ ଇ ମେଲାର୍ ଉଦ୍ଘାଟନ୍ କର୍ବେ । ଇ ମେଲାଥି ଭିନ୍ ଭିନ୍ ବିଭାଗ୍ର ୫୦ ଟା ଷ୍ଟଲ୍ ସାମିଲ୍ ହେବାର୍କେ ଥିବାର୍ ବେଲେ ୨୫ ହଜାର୍ନୁ ଅଏତ୍କା ଲୋକ୍ ଯୋଗ୍ ହେବାର୍ କାର୍ଯ୍ୟକ୍ରମ୍ ରହିଛେ । ସେନ୍ତା ୨୨ ତାରିଖ୍ ଦିନ ମୁଖ୍ୟମନ୍ତ୍ରୀ କେନ୍ଦୁଝର୍ ଆର୍ ମୟୁର୍ଭଞ୍ଜ୍ ଜିଲ୍ଲା ନ ହେବାର୍କେ ଥିବାର୍ ମେଲାଥି ଯୋଗ୍ ଦେବେ । ଇ ତିନ୍ହି ଜିଲ୍ଲାକେ ଛାଡ଼ିଦେଲେ ବାକି ୨୭ ଟା ଜିଲ୍ଲା ନ ଦୁହି ଉପମୁଖ୍ୟମନ୍ତ୍ରୀଙ୍କର୍ ସହେତେ ମନ୍ତ୍ରୀମଣ୍ଡଲ୍ର ଅଲ୍ଗା ସଦସ୍ୟ ମାନେ ସାମିଲ୍ ହେବେ ।

ମୁଖ୍ୟମନ୍ତ୍ରୀ- ଅଭିଯୋଗ୍ ଶୁଣାଣି ବନ୍ଦ୍ ଆର୍ଏନ୍ୟୁ/ କଟକ୍

ଭୁବନେଶ୍ୱର୍ ଠାନେ ହେବାର୍‌କେ ଥିବାର୍ ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି ଆଏବା କାଏଲ୍ ବନ୍ଦ୍ ରହେବା । ପୈଗମ୍ବର୍ ମହମ୍ମଦ୍‌ଙ୍କର୍ ଜୟନ୍ତୀ ପଡୁଥିବାର୍‌ନୁ ଜନ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ମିଲିଛେ ।

ପ୍ରଧାନ୍‌ମନ୍ତ୍ରୀ- ଓଡ଼ିଶାଗସ୍ତ ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ମଙ୍ଗଲ୍‌ବାର୍ ଦିନ ଓଡ଼ିଶା ଆସୁଛନ୍ । ଭୁବ୍‌ନେଶ୍ୱର୍ ଜନତା ମଇଦାନ୍ ଠାନେ ସୁଭଦ୍ରା ଯୋଜ୍‌ନାର୍ ଶୁଭାରମ୍ଭ କର୍‌ବାର୍ ସହେତେ ଜନସଭାକେ ସମ୍ବୋଧନ୍ କର୍‌ବେ । ଇ ଗସ୍ତ ସମିଆଥି ପ୍ରଧାନ୍‌ମନ୍ତ୍ରୀ ପି.ଏମ୍. ଆବାସ ଯୋଜ୍‌ନାର୍ ହିତାଧିକାରୀମାନ୍‌କୁ କାର୍ଯ୍ୟାଦେଶ୍ ଭିଲ୍ ବାଂଟ୍‌ବେ । ଇ ଯୋଜ୍‌ନାର୍ ପହେଲା କିସ୍ତି ବାବ୍‌ଦେ ୩ ହଜାର୍ ୮ ଶହ ୧୦ କୋଟି ଟଙ୍କା ହିତାଧିକାରୀମାନ୍‌କର୍ ବେଙ୍କ୍ ଏକାଉଂଟ୍‌କେ ଡିଜିଟାଲ୍ ଜରିଏ ଦିଆଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ କାର୍ଯ୍ୟକ୍ରମ୍ ଅବ୍‌ସରେ ହଜାର୍ ହଜାର୍ ସଂଖ୍ୟାଥି ମହିଳାମାନେ ସାମିଲ୍ ହେବେ । ହେଥିର୍‌ଲାଗି କାର୍ଯ୍ୟକ୍ରମ୍‌ଥି ଭିଡ଼୍ ନିୟନ୍ତ୍ରଣ୍ ସହେତେ

ଶାନ୍ତିଶୃଙ୍ଖଳା ରକ୍ଷା ଉପ୍ରେ ବିସ୍ତୃତ୍ ଭାବେ ଆଲୋଚନା ହେଇଛେ । ପ୍ରଧାନ୍‌ମନ୍ତ୍ରୀଙ୍କର୍ କାର୍ଯ୍ୟକ୍ରମ୍‌କେ ଠିକ୍ ଭାବେ ପରିଚାଳନା ଲାଗି ରାଜ୍ୟ ସର୍‌କାର୍ ୫୦ ଝନ୍ ଅଧିକାରୀଙ୍କୁ ନିୟୋଜିତ କରିଛନ୍ ।

ସୁଭଦ୍ରା ଯୋଜ୍‌ନା- ଉପମୁଖ୍ୟମନ୍ତ୍ରୀ ଆର୍‌ଏନ୍‌ୟୁ/ କଟକ୍

ସୁଭଦ୍ରା ଯୋଜ୍‌ନାଥି ପରୀକ୍ଷାମୂଳକ୍ ଭାବେ ଯୋଗ୍ୟ ହିତାଧିକାରୀଙ୍କର୍ ବେଙ୍କ୍ ଖାତାକେ ଟଙ୍କାଟେ ଲେଖା ପଠାଯାଇଛେ ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ଶେଷ୍ ଯୋଗ୍ୟ ମହିଳା ହିତାଧିକାରୀଙ୍କର୍ ପାଖେ ଇ ଯୋଜନା ପହଁଚିବାର୍‌ତକ୍ ପଞ୍ଜିକରଣ୍ ଜାରି ରହେବା । ଏଛେନ୍‌ତକ୍ ୬୦ ଲାଖ୍ ମହିଳା ସୁଭଦ୍ରା ଯୋଜ୍‌ନାଥି ପଞ୍ଜିକରଣ୍ କରିଛନ୍ । ଇ ଯୋଜ୍‌ନାଥି ୧ କୋଟିନୁ ଅଏତ୍‌କା ହିତାଧିକାରୀ ମହିଳାଙ୍କୁ ସାମିଲ୍ କର୍‌ବାର୍‌କେ ରାଜ୍ୟ ସର୍‌କାର୍ ଲକ୍ଷ୍ୟ ରଖିଛନ୍ ବଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ ।

ବାମନ ଜନ୍ମ ଆର୍‌ଏନ୍‌ୟୁ /ସମ୍ବଲପୁର

ଭୁଦୋ ମାସର୍ ଉଜଲ୍ ପଖର୍ ଦ୍ୱାଦଶୀ ତିଥିଥି ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ବାମନ ଜନ୍ମ ନୀତି ହେଉଛେ । ଇଥିର୍‌ଲାଗି ମଧ୍ୟାହ୍ନ ଧୂପ ସର୍‌ବାର୍ ଉତ୍‌ରୁ ଶ୍ରୀମନ୍ଦିର୍ ନ ମାହାପୁରୁଙ୍କର୍ ସ୍ୱତନ୍ତ୍ର ନୀତିକାନ୍ତି ହେବା । ଇଥିର୍‌ଲାଗି ଉପର୍‌ବେଲା ୫ ବଜେନୁ ନୀତି ସର୍‌ବାର୍‌ତକ୍ ସର୍ବସାଧାରଣ ଦର୍ଶନ୍ ବନ୍ଦ୍ ରହେବା ବଲି ଶ୍ରୀଜଗନ୍ନାଥ୍ ମନ୍ଦିର୍ ପ୍ରଶାସନ୍ ତର୍‌ଫୁ ସୂଚ୍‌ନା ମିଲିଛେ ।

ନୂଆଖାଇ ଭେଟ୍‌ଘାଟ୍ ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ଜିଲ୍ଲାସ୍ତରୀୟ ଅବସରପ୍ରାପ୍ତ ସୈନିକ ସଂଘର ନୂଆଖାଇ ଭେଟ୍‌ଘାଟ୍ ପାଟ୍‌ନାଗଡ଼୍ ମହେଶ୍ୱର୍ ମଣ୍ଡପ୍ ଠାନେ ଆଏଜ୍ ହେଇଯାଇଛେ । ଇ ଅବ୍‌ସରେ ଶହୀଦ୍ ଯବାନ୍‌ଙ୍କର୍ ପରିବାର୍‌କେ ସମ୍ମାନିତ୍ କରାଯାଇଥିଲା ।

ଇଞ୍ଜିନିୟର୍ସ ଦିବସ ଆର୍‌ଏନ୍‌ୟୁ/ କଟକ୍

ଦେଶେ ଆଏଜ୍ ଇଞ୍ଜିନିୟର୍ସ ଦିବସ୍ ପାଲନ୍ କରାଯାଉଛେ । ସାର୍ ମୋକ୍ଷଗୁଣ୍ଡମ୍ ବିଶ୍ୱେଶ୍ୱରାୟାଙ୍କ ଜନମ୍ ଦିନ୍ ଅବ୍‌ସରେ ଫି' ବଛର୍ ସେପ୍ଟେମ୍ବର୍ ୧୫ ତାରିଖ୍‌କେ ଇଞ୍ଜିନିୟର୍ସ ଦିବସ୍ ଭାବେ

ପାଲନ୍ କରାଯାଏସି । ସାର୍ ବିଶ୍ୱେଶ୍ୱରାୟା ତାଙ୍କର୍ ନିଷ୍ଠା, କାର୍ଯ୍ୟଦକ୍ଷତା ଆଉ ସମାନୁବର୍ତିତା ଲାଗି ସଫଳତାର୍ ସିଘେ ପୁହୁଁଚିପାରିଥିଲେ । ଦେଶେ ବ୍ରିଟିଶ୍ ଶାସନ୍ ସମିଆଥି ରାଜା ପଂଚମ୍ ଜଜ୍ ତାଙ୍କର୍ ବୁଦ୍ଧିମତା ଆଉ ସମାଜ୍ ପ୍ରତି ଅବଦାନ୍ ଲାଗି ନାଇଟ୍ କମାଣ୍ଡର୍ ଉପାଧି ଦେଇଥିଲେ । ୧୯୫୫ ମସିହାଥି ଭାରତ୍ ସର୍କାର୍ ସାର୍ ବିଶ୍ୱେଶ୍ୱରାୟାଙ୍କୁ ଭାରତ୍ ରତ୍ନ ଉପାଧିଥି ସମ୍ମାନିତ୍ କରିଥିଲେ ।

ଇ ଦିବସ୍ ଅବ୍ସରେ ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମଥି ପୋଷ୍ଟ କରିକରି ଦେଶର୍ ଭିନ୍ ଭିନ୍ କ୍ଷେତ୍ର ନ ରହିଥିବା ଆହ୍ୱାନ୍ର ମୁକାବିଲା କର୍ବାର୍ଥି ଇଞ୍ଜିନିୟର୍ମାନ୍କର୍ ବଡ଼ ଭୂମିକାକେ ପ୍ରଶଂସା କରିଛନ୍ ।

ହୀରାକୁଦ୍ ଜଲ୍ଭଣ୍ଡାର୍ ସମ୍ବଲପୁର ସମ୍ବାଦଦାତା

ଉପର୍ମୁଡୁ ପାଏନ୍ ଆସ୍ବାର୍ଟା କମ୍ବାର୍ନୁ ହୀରାକୁଦ୍ ଜଲ୍ଭଣ୍ଡାର୍ର ଆଉ ୮ ଟା ଗେଟ୍ ବନ୍ଦ୍ କରି ଦିଆଯାଇଛେ । ଏଛେନ୍ ଡେମ୍ନୁ ୬ ଟା ଗେଟ୍ ଦେଇକରି ଫି ସେକେଣ୍ଡ୍ଥି ୧ ଲାଖ୍ ୫୭ ହଜାର୍ ୮ ଶହ ୧୩ ଘନଫୁଟ୍ ପାଏନ୍ ମହାନଦୀକେ ଛଡ଼ାଯାଉଥିବାର୍ ବେଲେ ଫି ସେକେଣ୍ଡ୍ଥି ୧ ଲାଖ୍ ୪୫ ହଜାର୍ ଶହେ ୪ ଘନଫୁଟ୍ ପାଏନ୍ ଜଲ୍ଭଣ୍ଡାର୍କେ ଆସୁଛେ । ସଞ୍ଜର୍ ୬ ବଜେତକ୍ ହୀରାକୁଦ୍

ଜଲ୍‌ଭଣ୍ଡାର୍ ଜଲ୍‌ସ୍ତର୍ ୬ ଶହ ୨୮ ଦଶ୍‌ମିକ୍ ୧/ଶୂନ୍ ଫୁଟ୍ ରହିଛେ ।

ପାଣିପାଗ ଆର୍‌ଏନ୍‌ୟୁ/ସମ୍ବଲପୁର

ବାଂଲାଦେଶ୍ ଆର୍ ଇତାକେ ଲାଗି କରି ଥିବା ଗାଙ୍ଗେୟ ପଶ୍ଚିମବଙ୍ଗ୍ ନ ସୃଷ୍ଟି ହେଇଥିବା ଗଭୀର ଅବପାତ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଆଏବା କାଏଲ୍ ସୁନ୍ଦର୍‌ଗଡ୍‌, କେନ୍ଦୁଝର୍ ଆର୍ ବାଲେଶ୍ୱର୍ ନ ୭ ନୁ ୨୦ ସେଂଟିମିଟର୍ ତକ୍ ବର୍ଷା ହେଇପାରେ । ସେନ୍ତା ସମ୍ବଲ୍‌ପୁର୍, ଦେବ୍‌ଗଡ୍‌, ଝାର୍‌ସୁଗୁଡ଼ା ସହେତେ ୧୧ ଟା ଜିଲ୍ଲା ନ ୭ ନୁ ୧୧ ସେଂଟିମିଟର୍‌ତକ୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛେ ।